# ନିର୍ବାଚନ ସଂକ୍ରାନ୍ତୀୟ ଅପରାଧ ଓ ଭ୍ରଷ୍ଟାଚାର ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥା


**ଭାରତର ନିର୍ବାଚନ ଆୟୋଗ**

ନିର୍ବାଚନ ସଦନ, ଅଶୋକା ରୋଡ୍

ନୂଆଦିଲ୍ଲୀ-110001

ୱେବସାଇଟ୍ : www.eci.nic.in

# ନିର୍ବାଚନ ବେଳେ ନିର୍ବାଚନ ସଂକ୍ରାନ୍ତୀୟ ଅପରାଧ ଓ ଭ୍ରଷ୍ଟାଚାର

ପାର୍ଲାମେଣ୍ଟର ଦୁଇଟି ସଦନ ତଥା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭାଗୁଡ଼ିକର ନିର୍ବାଚନ ବେଳେ ପ୍ରାର୍ଥୀ ଓ ସେମାନଙ୍କର ପ୍ରତିନିଧିମାନଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ପ୍ରକାର ଅସଦାଚରଣକୁ ରୋକିବା ସକାଶେ ରାଜ୍ୟର ବିଭିନ୍ନ ନିର୍ବାଚନ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ଲାଗି ବ୍ୟକ୍ତିବିଶେଷ ଓ ସଂଗଠନଗୁଡ଼ିକ ଦ୍ୱାରା ଭାରତର ନିର୍ବାଚନ କମିଶନଙ୍କୁ ଅନୁରୋଧ କରାଯାଇଛି । ସେପରି ନିର୍ବାଚନ ସଂକ୍ରାନ୍ତୀୟ ଅପରାଧ ଓ ଅସଦାଚରଣ ସମ୍ବନ୍ଧୀୟ ଅଭିଯୋଗକୁ କମାଇବା ସକାଶେ ଯେଉଁସବୁ କାର୍ଯ୍ୟପ୍ରଣାଳୀ ଅବଲମ୍ବନ କରାଯାଉଛି ସେ ବିଷୟରେ ତଥା ଆଇନ ଅନୁଯାୟୀ ଥିବା ଦଣ୍ଡବିଧାନ ବ୍ୟବସ୍ଥା ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବା ଆବଶ୍ୟକ ମନେ ହେଉଛି ।

ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951 ଓ ଭାରତୀୟ ଦଣ୍ଡ ସଂହିତାରେ ନିର୍ବାଚନ ସମ୍ବନ୍ଧୀୟ ଅନେକ ଅପରାଧର ତାଲିକା ରହିଛି। ନିର୍ବାଚନ ସଂକ୍ରାନ୍ତୀୟ ଅପରାଧ ଲାଗି ଦଣ୍ଡ ବ୍ୟବସ୍ଥା ସଂପର୍କରେ ଜାଣିବା ଓ ସେଗୁଡ଼ିକୁ ବୁଝିବାରେ ସୁବିଧା ହେବା ସକାଶେ ସେଗୁଡ଼ିକ ଏହି ପୁସ୍ତିକାରେ ଦର୍ଶାଯାଇଛି । ଆଇନରେ ଥିବା ଏହି ବ୍ୟବସ୍ଥାଗୁଡ଼ିକରେ ମଧ୍ୟ ସେହି ଅପରାଧଗୁଡ଼ିକ ଲାଗି ଆନୁପାତିକ ଦଣ୍ଡ ବ୍ୟବସ୍ଥା ରହିଛି।

ନିର୍ବାଚନ ସଂକ୍ରାନ୍ତୀୟ ଅପରାଧ ଓ ଭ୍ରଷ୍ଟାଚାର ସମ୍ବନ୍ଧରେ ଆଇନରେ ଥିବା ବିଭିନ୍ନ ବ୍ୟବସ୍ଥାକୁ ତାଙ୍କର ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଛନ୍ତି ଓ ନିର୍ବାଚନ ପରିଚାଳନା ସମ୍ବନ୍ଧୀୟ କ୍ଷୁଦ୍ର ପୁସ୍ତିକା ଓ ହ୍ୟାଣ୍ଡ ବୁକ୍ ମଧ୍ୟ ପ୍ରକାଶିତ କରିଛନ୍ତି । ମାତ୍ର ସାଧାରଣ ନାଗରିକ ଓ ଭୋଟରମାନଙ୍କ ଅବଗତି ଲାଗି କୌଣସି ପୁସ୍ତକ ପ୍ରକାଶିତ କରିନାହାନ୍ତି । ତେଣୁ ଏହି ପୁସ୍ତିକାଟି ସର୍ବସାଧାରଣଙ୍କ ତଥା ଅନ୍ୟାନ୍ୟ ଷ୍ଟେକ୍ ହୋଲ୍‌ଡରଙ୍କ ସୂଚନା ତଥା ଅବଗତି ନିମନ୍ତେ ପ୍ରକାଶିତ ହେବାକୁ ଯାଉଛି ଯାହାକି ସମସ୍ତଙ୍କ ପାଇଁ ଉପାଦେୟ ହେବ ବୋଲି ଆଶା କରାଯାଉଛି ।

## ନିର୍ବାଚନ ସଂକ୍ରାନ୍ତୀୟ ଅପରାଧ ଓ ଭ୍ରଷ୍ଟାଚାର ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥା

| କ୍ର.ସଂ. | ଅପରାଧର ସଂକ୍ଷିପ୍ତ ବିବରଣୀ | ଧାରା/ନିୟମାବଳୀ | କିପ୍ରକାର ଅପରାଧ | ଦଣ୍ଡ |
|---|---|---|---|---|
| **ସଭା ସମିତି ସଂକ୍ରାନ୍ତୀୟ ନିର୍ବାଚନ ଅପରାଧ** | | | | |
| 1 | ଭାରତର ବିଭିନ୍ନ ବର୍ଗର ନାଗରିକମାନଙ୍କ ମଧ୍ୟରେ ଜାତି, ଧର୍ମ, ବର୍ଣ୍ଣ, ସଂପ୍ରଦାୟ ବା ଭାଷାକୁ ଭିତ୍ତିକରି ଶତ୍ରୁତା ବା ଘୃଣା ଭାବ ଉଦ୍ରେକ କରିବା ଲାଗି ପ୍ରୋତ୍ସାହିତ କରିବା ବା କରିବାକୁ ପ୍ରଚେଷ୍ଟା କରିବା | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 125 ଓ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା 153କ) | ଧର୍ତ୍ତବ୍ୟ | 3 ବର୍ଷ କାରାବାସ ବା ଜୋରିମାନା କିମ୍ବା ଉଭୟ |
| 2. | ଭୋଟ ଗ୍ରହଣ ଶେଷ ହେବା ଲାଗି ଧାର୍ଯ୍ୟ ହୋଇଥିବା ସମୟର ଅଠଚାଳିଶି ଘଣ୍ଟା ମଧ୍ୟରେ ସର୍ବସାଧାରଣ ସଭା କରିବା ନିଷେଧ ।<br>ଯେ କୌଣସି ବ୍ୟକ୍ତି-<br>(କ) କୌଣସି ନିର୍ବାଚନ ସଂକ୍ରାନ୍ତୀୟ କୌଣସି ସର୍ବସାଧାରଣ ସଭା ବା ଶୋଭାଯାତ୍ରା ଡାକିବେ ନାହିଁ, ଅନୁଷ୍ଠିତ କରିବେ ନାହିଁ ବା ତହିଁରେ ଯୋଗ ଦେବେ ନାହିଁ ବା ଭାଷଣ ଦେବେ ନାହିଁ; ବା<br>(ଖ) ସିନେମାଟୋଗ୍ରାଫ୍, ଟେଲିଭିଜନ ବା ସେହିଭଳି ଅନ୍ୟାନ୍ୟ ଉପକରଣ ମାଧମରେ ଜନସାଧାରଣଙ୍କୁ | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 126 | ଧର୍ତ୍ତବ୍ୟ ନୁହେଁ | 2 ବର୍ଷ କାରାବାସ ବା ଜୋରିମାନା କିମ୍ବା ଉଭୟ |

| | | | | |
|---|---|---|---|---|
| | କୌଣସି ନିର୍ବାଚନ ସଂକ୍ରାନ୍ତୀୟ ବିଷୟ ପ୍ରଦର୍ଶନ କରିବେ ନାହିଁ ।<br>(ଗ) କୌଣସି ନିର୍ବାଚନରେ ଭୋଟ ଗ୍ରହଣ ଶେଷ ହେବା ଲାଗି ଧାର୍ଯ୍ୟ ସମୟର ଅଠଚାଳିଶ ଘଣ୍ଟା ମଧ୍ୟରେ ଭୋଟ ଗ୍ରହଣ ଅଞ୍ଚଳରେ ସର୍ବସାଧାରଣଙ୍କୁ ଆକୃଷ୍ଟ କଲାଭଳି କୌଣସି ପ୍ରକାର ବାଦ୍ୟଯନ୍ତ୍ର ଓ ସଙ୍ଗୀତ କାର୍ଯ୍ୟକ୍ରମ ବା କୌଣସି ପ୍ରକାର ନାଟକ ବା ଥିଏଟର ବା ଅନ୍ୟ କୌଣସି ଆମୋଦଦାୟକ କାର୍ଯ୍ୟକ୍ରମ ଜରିଆରେ ନିର୍ବାଚନ ପ୍ରଚାର କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ କରିବେ ନାହିଁ ବା ଅନୁଷ୍ଠିତ କରିବା ଲାଗି ଆୟୋଜନ କରିବେ ନାହିଁ । | | | |
| 3. | କୌଣସି ସର୍ବସାଧାରଣ ସଭାରେ ବିଶୃଙ୍ଖଳିତ ଢଙ୍ଗରେ କାର୍ଯ୍ୟ କରିବାକୁ ଉସୁକାଇବା । | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 127 | ଧର୍ତ୍ତବ୍ୟ | 6 (ଛଅ) ମାସ କାରାବାସ ବା ଜୋରିମାନା କିମ୍ବା ଉଭୟ |
| **ଯାନ ବାହାନ ସଂକ୍ରାନ୍ତୀୟ ଅପରାଧ** | | | | |
| 1. | ପ୍ରାର୍ଥୀ ନିଜେ, ତାଙ୍କର ପରିବାରର କୌଣସି ସଦସ୍ୟ ବା ତାହାଙ୍କ ଏଜେଣ୍ଟଙ୍କ ଭିନ୍ନ ଅନ୍ୟ ଯେ କୌଣସି ନିର୍ବାଚକଙ୍କ ଯାନକୁ ଯଦି କୌଣସି ବ୍ୟକ୍ତି ଭୋଟ ଗ୍ରହଣ କେନ୍ଦ୍ରରେ ଯିବା ଆସିବା ଲାଗି ବିନା ଭଡ଼ାରେ ବେଆଇନ ଭାବେ ଭଡ଼ାରେ ଆଣନ୍ତି ବା ଯୋଗାଡ଼ କରନ୍ତି ତେବେ ସେ ଅପରାଧ କରିଛନ୍ତି ବୋଲି ବିବେଚିତ ହେବେ । | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 133 | ଧର୍ତ୍ତବ୍ୟ ନୁହେଁ | 3 (ତିନି) ମାସ କାରାବାସ ଓ ଜୋରିମାନା |
| **ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀ / ବ୍ୟକ୍ତିଙ୍କ ସଂକ୍ରାନ୍ତରେ** | | | | |
| 1. | କୌଣସି ନିର୍ବାଚନରେ ଭୋଟ୍ ଗ୍ରହଣ ବା ଭୋଟ୍ ଗଣତି କାର୍ଯ୍ୟରେ ନିୟୋଜିତ ଥିବା ପ୍ରତ୍ୟେକ ଅଧିକାରୀ, କିରାଣୀ, ଏଜେଣ୍ଟ୍ ବା ଅନ୍ୟାନ୍ୟ ବ୍ୟକ୍ତି, ଭୋଟ ଦାନ ସଂପର୍କିତ ଗୋପନୀୟତା ବଜାୟ ରଖିବେ । ଏହାର ଉଲ୍ଲଙ୍ଘନ କଲେ ତାହା ଅପରାଧ ରୂପେ ବିବେଚିତ ହେବ। | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 128 | ଧର୍ତ୍ତବ୍ୟ ନୁହେଁ | 3 (ତିନି) ମାସ କାରାବାସ ବା ଜୋରିମାନା ବା ଉଭୟ |
| 2. | ନିର୍ବାଚନ ପରିଚାଳନା କାର୍ଯ୍ୟ ସହିତ ସଂପୃକ୍ତ କୌଣସି ପଦାଧିକାରୀ, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କୌଣସି ପ୍ରାର୍ଥୀଙ୍କୁ (କେବଳ ଭୋଟ ଦେବା ବ୍ୟତୀତ) ସମର୍ଥନ କଲାଭଳି କୌଣସି କାର୍ଯ୍ୟ କରିବେ ନାହିଁ । | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 129 | ଧର୍ତ୍ତବ୍ୟ | 6 (ଛଅ) ମାସ କାରାବାସ ବା ଜୋରିମାନା ବା ଉଭୟ |
| 3. | କୌଣସି ନିର୍ବାଚନ ସଂକ୍ରାନ୍ତୀୟ ଯେ କୌଣସି କାର୍ଯ୍ୟ ସହିତ ସଂପୃକ୍ତ ଯେ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଯୁକ୍ତିଯୁକ୍ତ କାରଣ ନଥାଇ ଆଫିସିକ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ। | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 134 | ଧର୍ତ୍ତବ୍ୟ | ଟ. 500/- ପର୍ଯ୍ୟନ୍ତ ଜୋରିମାନା |

| | | | | |
|---|---|---|---|---|
| 4. | ସରକାରୀ ଚାକିରିରେ ଥିବା ଯେକୌଣସି ବ୍ୟକ୍ତି କୌଣସି ପ୍ରାର୍ଥୀଙ୍କର ନିର୍ବାଚନ ଏଜେଣ୍ଟ ବା ପୋଲିଂ ଏଜେଣ୍ଟ କିମ୍ବା ଗଣନା ଏଜେଣ୍ଟ ଭାବେ କାର୍ଯ୍ୟ କରିବା । | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 134 A | ଧର୍ତ୍ତବ୍ୟ ନୁହେଁ | 3 (ତିନି) ମାସ କାରାବାସ ବା ଜୋରିମାନା ବା ଉଭୟ |
| **ଭୋଟ ଗ୍ରହଣ ତାରିଖ / (ତାରିଖଗୁଡ଼ିକରେ) ଭୋଟ ଗ୍ରହଣ କେନ୍ଦ୍ର ଠାରେ ବା ନିକଟରେ** | | | | |
| 1. | ଭୋଟ ଗ୍ରହଣ ତାରିଖ / (ତାରିଖଗୁଡ଼ିକରେ) ନିମ୍ନୋକ୍ତ କାର୍ଯ୍ୟ କରିବାକୁ ନିଷେଧ କରାଯାଇଛି :-<br>(କ) ଭୋଟ୍ ଗ୍ରହଣ କେନ୍ଦ୍ର ବା ତାହାର ଆଖପାଖରେ ଭୋଟ ପ୍ରଚାର କରିବା ; ବା<br>(ଖ) କୌଣସି ନିର୍ବାଚକଙ୍କର ଭୋଟ ପାଇଁ ଅନୁନୟ କରିବା; ବା<br>(ଗ) କୌଣସି ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ନ ଦେବା ସକାଶେ କୌଣସି ନିର୍ବାଚକଙ୍କୁ ପ୍ରବର୍ତ୍ତାଇବା; ବା<br>(ଙ) ନିର୍ବାଚନ ସଂକ୍ରାନ୍ତୀୟ (ସରକାରୀ ନୋଟିସ୍ ଭିନ୍ନ ଅନ୍ୟ) କୌଣସି ନୋଟିସ୍ ବା ଚିହ୍ନ ପ୍ରଦର୍ଶିତ କରିବା | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 130 | ଧର୍ତ୍ତବ୍ୟ | ଟ. 250/- ପର୍ଯ୍ୟନ୍ତ ଜୋରିମାନା |
| 2. | ଭୋଟ ଗ୍ରହଣ କାର୍ଯ୍ୟକ୍ରମରେ ବ୍ୟାଘାତ ସୃଷ୍ଟି କଲାଭଳି ଭୋଟ ଗ୍ରହଣ କେନ୍ଦ୍ରରେ ବା ତାହାର ଚତୁଃପାର୍ଶ୍ୱରେ କୌଣସି ବ୍ୟକ୍ତି ଏଣୁ ତେଣୁ ଭାବରେ ବଡ଼ ପାଟିରେ ଚିତ୍କାର କରିବା ବା ଲାଉଡ୍‌ସ୍ପିକର, ମେଗା ଫୋନ୍ ଇତ୍ୟାଦି ବ୍ୟବହାର କଲେ ସେହି ବ୍ୟକ୍ତିଙ୍କୁ ଗିରଫ କରାଯାଇପାରିବ ଓ ସେହି ଉପକରଣଗୁଡ଼ିକୁ ଯେ କୌଣସି ପୁଲିସ୍ ଅଧିକାରୀଙ୍କ ଦ୍ୱାରା ଜବତ କରାଯିବ | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 131 | ପ୍ରିଜାଇଡିଂ ଅଫିସରଙ୍କ ଆଦେଶ ବଳରେ ପୋଲିସ୍, ସଂପୃକ୍ତ ଅପରାଧୀକୁ ଗିରଫ କରିପାରିବେ | 3 (ତିନି) ମାସ କାରାବାସ ବା ଜୋରିମାନା ବା ଉଭୟ |
| 3. | ଭୋଟଗ୍ରହଣ କେନ୍ଦ୍ରରେ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଅସଦାଚରଣ ପ୍ରଦର୍ଶନ, ବା ପ୍ରିଜାଇଡ଼ିଂ ଅଫିସରଙ୍କ ଦ୍ୱାରା ଦିଆଯାଇଥିବା ବିଧିସମ୍ମତ ନିର୍ଦ୍ଦେଶନାମାର ଅବମାନନା କଲେ ଭୋଟ ଗ୍ରହଣ କେନ୍ଦ୍ରର ଦାୟିତ୍ୱରେ ଥିବା ଯେ କୌଣସି ପୋଲିସ ଅଧିକାରୀଙ୍କ ଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କୁ ଉକ୍ତ କେନ୍ଦ୍ରରୁ ବାହାର କରି ଦିଆଯାଇ ପାରିବ । ସେପରି ବିତାଡ଼ିତ ବ୍ୟକ୍ତି, ପ୍ରିଜାଇଡ଼ିଂ ଅଫିସରଙ୍କ ବିନା ଅନୁମତିରେ ପୁନର୍ବାର ଭୋଟ ଗ୍ରହଣ କେନ୍ଦ୍ରରେ ପ୍ରବେଶ କଲେ ତାହାଙ୍କୁ ଗିରଫ କରାଯାଇପାରିବ । | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 132 | ଧର୍ତ୍ତବ୍ୟ | 3 (ତିନି) ମାସ କାରାବାସ ବା ଜୋରିମାନା ବା ଉଭୟ |

| | | | | |
|---|---|---|---|---|
| **ଅସ୍ତ୍ରଶସ୍ତ୍ର ବହନ କରିବା ସଂକ୍ରାନ୍ତରେ :** | | | | |
| 1. | ରିଟର୍ଣ୍ଣିଂ ଅଫିସର, ପ୍ରିଜାଇଡ଼ିଂ ଅଫିସର, ଯେ କୌଣସି ପୁଲିସ୍ ଅଧିକାରୀ, ଭୋଟ ଗ୍ରହଣ କେନ୍ଦ୍ରରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ନିଯୁକ୍ତ ଅନ୍ୟ କୌଣସି ବ୍ୟକ୍ତି ଯେ କି ଭୋଟ ଗ୍ରହଣ କେନ୍ଦ୍ରର ଦାୟୀତ୍ୱରେ ଥିବେ ସେମାନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଯଦି ଭୋଟ ଗ୍ରହଣ ଦିନ ଅସ୍ତ୍ରଶସ୍ତ୍ର (ଅସ୍ତ୍ରଶସ୍ତ୍ର ଅଧିନିୟମ, 1959ରେ ସଂଜ୍ଞା କରାହୋଇଥିବା ମତେ) ସହିତ ଆଖପାଖ ଭୋଟ ଗ୍ରହଣ କେନ୍ଦ୍ରରେ ଯିବା ଆସିବା କରନ୍ତି ତେବେ ସେ ଅପରାଧ କରିଛନ୍ତି ବୋଲି ବିବେଚନା କରାଯିବ । | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 134ଖ | ଧର୍ତ୍ତବ୍ୟ | 2 ବର୍ଷ କାରାବାସ ବା ଜୋରିମାନା ବା ଉଭୟ |
| **ଇଭିଏମ୍ / ଭୋଟ୍ କାଗଜ ହେର୍‌ଫେର୍ କରିବା ସଂକ୍ରାନ୍ତରେ :** | | | | |
| 1. | ଯେବେ କୌଣସି ଭୋଟ ଗ୍ରହଣ କେନ୍ଦ୍ରର ପ୍ରିଜାଇଡ଼ିଂ ଅଫିସରଙ୍କର ବିଶ୍ୱାସ କରିବାର କାରଣ ଥାଏ ଯେ କୌଣସି ବ୍ୟକ୍ତି ଭୋଟ ଗ୍ରହଣ କେନ୍ଦ୍ରର ବାହାରକୁ ଭୋଟ କାଗଜ ବା ଇଭିଏମ୍ ନେଇଛନ୍ତି ତେବେ ସେହି ଅଧିକାରୀ ସେପରି ବ୍ୟକ୍ତିଙ୍କୁ ନିଜେ ଗିରଫ କରିପାରିବେ ବା କୌଣସି ପୁଲିସ୍ ଅଧିକାରୀଙ୍କୁ ତାହାଙ୍କୁ ଗିରଫ କରିବା ଲାଗି ନିର୍ଦ୍ଦେଶ ଦେଇପାରିବେ ଓ ସେହି ବ୍ୟକ୍ତିଙ୍କୁ ତଲାସି କରିପାରିବେ ବା କୌଣସି ଅଧିକାରୀଙ୍କ ଦ୍ୱାରା ତଲାସି କରାଇପାରିବେ । | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 135 | ପ୍ରିଜାଇଡିଂ ଅଫିସରଙ୍କ ଆଦେଶକ୍ରମେ ପୋଲିସ ଅଧିକାରୀ ଅପରାଧୀକୁ ଗିରଫ କରିପାରିବେ | ଏକ ବର୍ଷ କାରାବାସ ବା ଜୋରିମାନା ବା ଉଭୟ |
| 2. | ବୁଥ୍ ଜବର ଦଖଲ ଏକ ଅପରାଧ,<br>ନିମ୍ନୋକ୍ତ ବିଷୟ ମାନ 'ବୁଥ୍ ଜବର ଦଖଲ' ମଧ୍ୟରେ ଅନ୍ତର୍ଭୁକ୍ତ :-<br>1. ଭୋଟ ଗ୍ରହଣ କେନ୍ଦ୍ରକୁ ଜବର ଦଖଲ କରିବା ବା କୌଣସି ବ୍ୟକ୍ତି ଭୋଟ ଗ୍ରହଣ ପାଇଁ କୌଣସି ସ୍ଥାନ ସ୍ଥିର କରି ପୋଲିଂ ଅଧିକାରୀମାନଙ୍କୁ ଭୋଟ କାଗଜ ବା ଭୋଟିଂ ମେସିନ ଦାଖଲ କରିବାକୁ କହିବା;<br>2. ବା ତାଙ୍କର ବା ସେମାନଙ୍କର ସମର୍ଥକମାନଙ୍କୁ ଭୋଟ ଦେବା ଲାଗି ଅନୁମତି ଦେବା ଓ ଅନ୍ୟମାନଙ୍କୁ ସେମାନଙ୍କର ଭୋଟ ଦାନ କରିବା ଲାଗି ବାରଣ କରିବା/ ଧମକ ଚମକ ଦେବା;<br>3. ଭୋଟ ଗଣତି ସ୍ଥାନକୁ ନିଜ ଦଖଲରେ ରଖିବା । | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 135କ | ଧର୍ତ୍ତବ୍ୟ | ଯଦି ସରକାରୀ ଚାକିରିରେ ଥାଇ କୌଣସି ବ୍ୟକ୍ତି ସେପରି ଅପରାଧ କରନ୍ତି ତେବେ 3ରୁ 5 ବର୍ଷ କାରାବାସ ଓ ଜୋରିମାନା ଏବଂ ଅନ୍ୟମାନଙ୍କ ପାଇଁ 1ରୁ 3 ବର୍ଷ ପର୍ଯ୍ୟନ୍ତ କାରାବାସ ଓ ଜୋରିମାନା |
| 3. | ଯଦି କୌଣସି ବ୍ୟକ୍ତି ଭୋଟ କାଗଜ ବା ଇଭିଏମ୍‌କୁ ପ୍ରତାରଣା ପୂର୍ବକ ନଷ୍ଟ କରନ୍ତି ବା କୌଣସି ଭୋଟ୍ କାଗଜ ବା ଇଭିଏମ୍‌ରେ ଲଗାଯାଇଥିବା କୌଣସି ସରକାରୀ ଚିହ୍ନକୁ ନଷ୍ଟ କରନ୍ତି ବା ଭୋଟ୍ କାଗଜ ଭିନ୍ନ | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 136 | ଧର୍ତ୍ତବ୍ୟ | ନିର୍ବାଚନ ଦାୟିତ୍ୱରେ ଥିବା କୌଣସି ଅଧିକାରୀ ବା |

| | | | | |
|---|---|---|---|---|
| | ଅନ୍ୟ କୌଣସି ଜିନିଷ ଭୋଟ୍ ବାକ୍ସରେ ପକାନ୍ତି ବା ଇଭିଏମ୍‌ର ଚିହ୍ନ / ନାମ / ବାଲାଟ୍ ବଟନ ଉପରେ ଅଠା ଦ୍ୱାରା କୌଣସି କାଗଜ ଲଗାନ୍ତି ତେବେ ସେ ଅପରାଧ କରିଛନ୍ତି ବୋଲି ବିବେଚନା କରାଯିବ । | | | କିରାଣୀ ଅପରାଧ କଲେ 2 ବର୍ଷ କାରାବାସ ବା ଜୋରିମାନା ବା ଉଭୟ ମାତ୍ର ଅନ୍ୟମାନଙ୍କ ପାଇଁ 6 (ଛଅ) ମାସ କାରାବାସ ବା ଜୋରିମାନା |
| **ଭୋଟ ଦେବା ଅଧିକାରରୁ କାହାକୁ ବଞ୍ଚିତ କରିବା ସଂକ୍ରାନ୍ତରେ :** | | | | |
| 1. | ଭୋଟ ଗ୍ରହଣ ତାରିଖ ଦିନ ହକ୍‌ଦାର କୌଣସି କର୍ମଚାରୀଙ୍କୁ ନିୟୋଜକଙ୍କ ଦ୍ୱାରା ସବେତନ ଛୁଟି ନାମଂଜୁର କରିବା | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 135ଖ | ଧର୍ତ୍ତବ୍ୟ ନୁହେଁ | ଟ. 500/- ପର୍ଯ୍ୟନ୍ତ ଜୋରିମାନା |
| **ଭୋଟରମାନଙ୍କୁ ଭୟ ପ୍ରଦର୍ଶନ / ପ୍ରଲୋଭନରୁ ରୋକିବା ସଂକ୍ରାନ୍ତରେ :** | | | | |
| 1. | ଯେ କେହି ଯଦି ଅନୁସୂଚୀତ ଜାତି / ଅନୁସୂଚୀତ ଜନଜାତିର କୌଣସି ଲୋକଙ୍କୁ ଭୋଟ ନ ଦେବାକୁ ବା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଆଇନରେ ଥିବା ବ୍ୟବସ୍ଥା ଭିନ୍ନ ଅନ୍ୟ କୌଣସି ଉପାୟରେ ଭୋଟ ଦେବାକୁ ବଳ ପ୍ରୟୋଗ କରନ୍ତି ବା ଭୟଭୀତ କରନ୍ତି ତେବେ ଅପରାଧ କରିଛନ୍ତି ବୋଲି ବିବେଚନା କରାଯିବ। | ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ପ୍ରତି (ନିଷ୍ଠୁରତା ନିବାରଣ) ଅଧିନିୟମ, 1989ର ଧାରା 3(1)(vii) | ଧର୍ତ୍ତବ୍ୟ | |
| 2. | ଲାଂଚ – (1) ଯେ କେହି,-<br><br>(i) କୌଣସି ବ୍ୟକ୍ତିଙ୍କୁ ପ୍ରଲୋଭନ ଉଦ୍ଦେଶ୍ୟରେ ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ନିର୍ବାଚନ ସଂକ୍ରାନ୍ତୀୟ କୌଣସି ଅଧିକାର ପ୍ରୟୋଗ କରିବାକୁ କୌଣସି ପାରିତୋଷିକ ଦିଅନ୍ତି ବା ସେପରି କୌଣସି ଅଧିକାର ପ୍ରୟୋଗ କରିବାକୁ କୌଣସି ବ୍ୟକ୍ତିଙ୍କୁ ପୁରସ୍କୃତ କରନ୍ତି ; ବା<br>(ii)ସେପରି କୌଣସି ଅଧିକାର ପ୍ରୟୋଗ କରିବା ସକାଶେ ନିଜ ପାଇଁ ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ପାଇଁ ପୁରସ୍କାର ସ୍ୱରୂପ କୌଣସି ପାରିତୋଷିକ ଗ୍ରହଣ କରନ୍ତି ବା ସେପରି କୌଣସି ଅଧିକାର ପ୍ରୟୋଗ କରିବା ଲାଗି କୌଣସି ବ୍ୟକ୍ତିଙ୍କୁ ପ୍ରଲୋଭିତ କରନ୍ତି ବା ପ୍ରଲୋଭିତ କରିବାକୁ ଚେଷ୍ଟା କରନ୍ତି, ସେ ଲାଂଚ ନେବା ଅପରାଧ କରିଛନ୍ତି ବୋଲି ବିବେଚନା କରାଯିବ :<br><br>ପରନ୍ତୁ ସରକାରୀ ନୀତି ବା ସରକାରୀ କାର୍ଯ୍ୟାନୁଷ୍ଠାନ ପାଇଁ କୌଣସି ପ୍ରତିଜ୍ଞା ସଂକ୍ରାନ୍ତୀୟ ଘୋଷଣା ଏହି ଧାରା ଅନୁଯାୟୀ ଅପରାଧ ହେବ ନାହିଁ । | ଭାରତୀୟ ଦଣ୍ଡ ସଂହିତାର ଧାରା 171ଖ/171ଙ | ଧର୍ତ୍ତବ୍ୟ ନୁହେଁ | 1 ବର୍ଷ କାରାବାସ ବା ଜୋରିମାନା ବା ଉଭୟ |

| | | | | |
|---|---|---|---|---|
| | (2) କୌଣସି ବ୍ୟକ୍ତି ଯେ କି ପାରିତୋଷିକ ଦିଅନ୍ତି ବା ଦେବାକୁ ସହମତି ପ୍ରଦାନ କରନ୍ତି ବା ଦେବାକୁ ବା ପାଇବାକୁ ପ୍ରଚେଷ୍ଟା କରନ୍ତି ସେ ପାରିତୋଷିକ ଦେଇଛନ୍ତି ବୋଲି ବିବେଚନା କରାଯିବ । <br> (3) କୌଣସି ବ୍ୟକ୍ତି ଯେ କି ପାରିତୋଷିକ ପାଆନ୍ତି ବା ଗ୍ରହଣ କରିବାକୁ ସହମତି ପ୍ରଦାନ କରନ୍ତି ବା ପାଇବାକୁ ଚେଷ୍ଟା କରନ୍ତି ସେ ପାରିତୋଷିକ ଗ୍ରହଣ କରିଛନ୍ତି ବୋଲି ବିବେଚନା କରାଯିବ ଏବଂ କୌଣସି ବ୍ୟକ୍ତି ଯେ କି ସେ ଯେଉଁ କାର୍ଯ୍ୟ କରିବାକୁ ଇଚ୍ଛୁକ ନୁହଁନ୍ତି ଓ ଉଦ୍ଦେଶ୍ୟମୂଳକ ଭାବେ କୌଣସି ପାରିତୋଷିକ ଗ୍ରହଣ କରନ୍ତି ବା ସେ ଯେଉଁ କାର୍ଯ୍ୟ କରିନାହାନ୍ତି ସେ ତାହା କରିବା ପାଇଁ ପୁରସ୍କାର ରୂପେ ତାହା ଗ୍ରହଣ କରିଛନ୍ତି ତେବେ ସେ ପୁରସ୍କାର ସ୍ୱରୂପ ପାରିତୋଷିକ ଗ୍ରହଣ କରିଛନ୍ତି ବୋଲି ବିବେଚନା କରାଯିବ । | | | |
| 3. | ନିର୍ବାଚନରେ ଅନୁଚିତ ପ୍ରଭାବ ପକାଇବା, - <br> (1)କୌଣସି ନିର୍ବାଚନ ସଂକ୍ରାନ୍ତୀୟ ଅଧିକାରକୁ ଅବାଧ ପ୍ରୟୋଗ ନେଇ ଯଦି କେହି ସ୍ୱେଚ୍ଛାକୃତ ଭାବରେ ହସ୍ତକ୍ଷେପ କରନ୍ତି ବା ହସ୍ତକ୍ଷେପ କରିବାକୁ ପ୍ରଚେଷ୍ଟା କରନ୍ତି ତେବେ ସେ ନିର୍ବାଚନରେ ଅନୁଚିତ ପ୍ରଭାବ ପକାଇବା ଦ୍ୱାରା ଅପରାଧ କରିଛନ୍ତି ବୋଲି ବିବେଚନା କରାଯିବ । <br> (2)ଉପଧାରା (1)ରେ ଥିବା ବ୍ୟବସ୍ଥାର ବ୍ୟାପକତା ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ନ ପକାଇ, ଯଦି କେହି- <br> (କ) କୌଣସି ପ୍ରାର୍ଥୀ ବା ଭୋଟରଙ୍କୁ ଭୟଭୀତ କରନ୍ତି କୌଣସି ପ୍ରାର୍ଥୀ ବା ଭୋଟରଙ୍କ ପ୍ରତି ଯେଉଁ ବ୍ୟକ୍ତି ଆଗ୍ରହୀ ସେପରି ଯେକୌଣସି ବ୍ୟକ୍ତିଙ୍କୁ କୌଣସି ପ୍ରକାରର ଆଘାତ କରନ୍ତି, ବା <br> (ଖ) ଦୈବୀ ଅପ୍ରସନ୍ନତା ବା ଆଧାତ୍ମିକ ଅପବାଦ ଉଦ୍ଦେଶ୍ୟରେ ସେ ନିଜେ ବା କୌଣସି ବ୍ୟକ୍ତି ଯେବେ କୌଣସି ପ୍ରାର୍ଥୀ ବା ଭୋଟରଙ୍କୁ ପ୍ରଲୋଭିତ କରନ୍ତି ବା ପ୍ରଲୋଭିତ କରିବାକୁ ପ୍ରଚେଷ୍ଟା କରିଛନ୍ତି ବୋଲି ଜଣାପଡ଼େ ତେବେ ଉପଧାରା (1) ଅର୍ଥାନୁସାରେ ସେ ପ୍ରାର୍ଥୀ ବା ଭୋଟରଙ୍କ ମୁକ୍ତ ଓ ଅବାଧ ନିର୍ବାଚନ ସଂପର୍କିତ ଅଧିକାର ସଂକ୍ରାନ୍ତରେ ହସ୍ତକ୍ଷେପ କରିଛନ୍ତି ବୋଲି ବିବେଚିତ ହେବ । <br> (3) କୌଣସି ସରକାରୀ ନୀତି ବା ସରକାରୀ କାର୍ଯ୍ୟାନୁଷ୍ଠାନ ସଂପର୍କିତ ପ୍ରତିଶ୍ରୁତି କିମ୍ବା ନିର୍ବାଚକ ଅଧିକାର ପ୍ରତି ହସ୍ତକ୍ଷେପ ନକରି କେବଳ ଆଇନଗତ | ଭାରତୀୟ ଦଣ୍ଡ ସଂହିତାରେ ଧାରା 171ଗ/171ଚ | ଧର୍ତ୍ତବ୍ୟ ନୁହେଁ | 1 ବର୍ଷ କାରାବାସ ବା ଜୋରିମାନା ବା ଉଭୟ |

| | | | | |
|---|---|---|---|---|
| | ଅଧିକାର ପ୍ରୟୋଗ କରିବା ସଂକ୍ରାନ୍ତୀୟ ଘୋଷଣାନାମା ଏହିଧାରାର ମର୍ମାନୁସାରେ ହସ୍ତକ୍ଷେପ କରାଯାଇଛି ବୋଲି ବିବେଚନା କରାଯିବ ନାହିଁ । | | | |
| 4. | ନିର୍ବାଚନରେ ପରିଚୟ ପ୍ରଦାନ :<br>କୌଣସି ନିର୍ବାଚନରେ ଯେବେ କେହି ଅନ୍ୟ କୌଣସି ବ୍ୟକ୍ତି, ସେ ଜୀବିତ ବା ମୃତ ହୋଇଥାନ୍ତୁ ବା ନହୋଇଥାନ୍ତୁ ବା ତାଙ୍କର ଅପ୍ରକୃତ ନାମ ହୋଇଥାଉ ବା ହୋଇ ନଥାଉ ବା ନିର୍ବାଚନରେ ଥରେ ଭୋଟ ଦେଇ ମଧ୍ୟ ନିଜ ନାମରେ ଭୋଟ କାଗଜ ନେବା ଲାଗି ସେହି ନିର୍ବାଚନରେ ଭୋଟ ଦେବା ଆବେଦନ କରନ୍ତି ଓ ସେପରି କୌଣସି ଉପାୟରେ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଭୋଟ ଦାନ କରିବାକୁ ପ୍ରଚେଷ୍ଟା କରନ୍ତି ବା ପ୍ରରୋଚନା ଦିଅନ୍ତି ତେବେ ସେ ଉକ୍ତ ନିର୍ବାଚନରେ ମିଥ୍ୟା ପରିଚୟ ପ୍ରଦାନ କରିଛନ୍ତି ବୋଲି ବିବେଚିତ ହେବେ :<br>ପରନ୍ତୁ ଅନ୍ୟ ପାଇଁ ଭୋଟ ଦେବା ଲାଗି ତତ୍ ସମୟେ ବଳବତ୍ତର ଥିବା କୌଣସି ବିଧି ଅନୁଯାୟୀ ଯେବେ କେହି ଅନ୍ୟ ଜଣଙ୍କ ପାଇଁ ଭୋଟ ଦେବା ସକାଶେ ତାଙ୍କୁ ପ୍ରାଧିକୃତ କରାଯାଇଥାଏ ତେବେ ସେହି ବ୍ୟକ୍ତିଙ୍କ ଲାଗି ଏହି ଧାରାରେ ଥିବା କୌଣସି ବିଷୟ ପ୍ରଯୋଜ୍ୟ ହେବ ନାହିଁ । | ଭାରତୀୟ ଦଣ୍ଡ ସଂହିତାର ଧାରା 171ଘ/171ଚ | ଧର୍ତ୍ତବ୍ୟ | 1 ବର୍ଷ କାରାବାସ ବା ଜୋରିମାନା ବା ଉଭୟ |
| 5. | ଯଦି କେହି କୌଣସି ପ୍ରାର୍ଥୀଙ୍କର ନିର୍ବାଚନ ଫଳାଫଳକୁ ପ୍ରଭାବିତ କଲାଭଳି ଉଦ୍ଦେଶ୍ୟ ରଖି ତାଙ୍କ ବ୍ୟକ୍ତିଗତ ଚରିତ୍ର ବା ଆଚରଣ ସଂକ୍ରାନ୍ତରେ ମିଥ୍ୟା ବିବୃତି ପ୍ରକାଶିତ କରନ୍ତି ତେବେ ସେ ଅପରାଧ କରିଛନ୍ତି ବୋଲି ବିବେଚନା କରାଯିବ । | ଭାରତୀୟ ଦଣ୍ଡ ସଂହିତାର ଧାରା 171ଛ | ଧର୍ତ୍ତବ୍ୟ ନୁହେଁ | ଜୋରିମାନା |
| 6. | କୌଣସି ପ୍ରାର୍ଥୀଙ୍କର ଲିଖିତାକାରରେ ସାଧାରଣ ବା ବିଶେଷ ପ୍ରାଧିକାର ବିନା ଯେ କେହି କୌଣସି ସର୍ବସାଧାରଣ ସଭା ବା କୌଣସି ବିଜ୍ଞାପନ, ସର୍କୁଲାର ବା ପ୍ରକାଶନ ବା ଅନ୍ୟ ଯେ କୌଣସି ବାବଦରେ ହେଉନା କାହିଁକି ସଂପୃକ୍ତ ପ୍ରାର୍ଥୀଙ୍କର ନିର୍ବାଚନକୁ ପ୍ରୋତ୍ସାହିତ କରିବା ଲାଗି କୌଣସି ବ୍ୟୟ କରନ୍ତି ବା କରିବାକୁ ପ୍ରାଧିକୃତ କରନ୍ତି :<br>ପରନ୍ତୁ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଯଦି କରାଯାଇଥିବା ସେପରି କୌଣସି ବ୍ୟୟର ପରିମାଣ ସଂପୃକ୍ତ ପ୍ରାର୍ଥୀଙ୍କର ଲିଖିତାକାରରେ ଅନୁମୋଦନ ବିନା ଯେଉଁ ତାରିଖରେ ସେପରି ବ୍ୟୟ କରାଗଲା । ସେହି ଠାରୁ ଦଶ ଦିନ ମଧ୍ୟରେ ଦଶ ଟଙ୍କାରୁ ଅଧିକ ହେଉ ନଥାଏ ତେବେ ସେ, | ଭାରତୀୟ ଦଣ୍ଡ ସଂହିତାର ଧାରା 171ଜ | ଧର୍ତ୍ତବ୍ୟ ନୁହେଁ | ପାଞ୍ଚ ଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦଣ୍ଡ |

| | | | | |
|---|---|---|---|---|
| | ସଂପୃକ୍ତ ପ୍ରାର୍ଥୀଙ୍କର ପ୍ରାଧିକାର ବଳରେ ସେହି ବ୍ୟୟ କରିଛନ୍ତି ବୋଲି ବିବେଚନା କରାଯିବ । | | | |
| 7. | ବିଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ଶତ୍ରୁତା, ଘୃଣାଭାବ ବା ବିଦ୍ୱେଷ ଭାବ ସୃଷ୍ଟି ବା ପ୍ରୋତ୍ସାହିତ କରୁଥିବା ବିବୃତି,- ଧର୍ମ, ବର୍ଣ୍ଣ, ଜନ୍ମସ୍ଥାନ, ବାସସ୍ଥାନ, ଭାଷା, ଜାତି ବା ସଂପ୍ରଦାୟ ସଂକ୍ରାନ୍ତରେ ହେଉ ବା ଅନ୍ୟ ଯେ କୌଣସି କାରଣ ଯୋଗୁଁ ହେଉ ନା କାହିଁକି ବିଭିନ୍ନ ଆଂଚଳିକ ଦଳ ବା ଜାତି ବା ସଂପ୍ରଦାୟ ମଧ୍ୟରେ ବିଭିନ୍ନ ଧର୍ମ, ଜାତି ଓ ଭାଷାଗତ ଭିନ୍ନତାକୁ ନେଇ ଶତ୍ରୁତା, ଘୃଣାଭାବ ବା ବିଦ୍ୱେଷ ସୃଷ୍ଟି କରନ୍ତି ବା କରିବାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଯଦି କେହି ଗୁଜବ ବା ଉଦ୍‌ବେଗ ଜନକ ଖବର ଥାଇ କୌଣସି ବିବୃତି ବା ରିପୋର୍ଟ୍ ପ୍ରସ୍ତୁତ, ପ୍ରକାଶିତ ବା ବଣ୍ଟନ କରନ୍ତି ତେବେ ସେ ତିନି ବର୍ଷ ପର୍ଯ୍ୟନ୍ତ କାରାବାସରେ ବା ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ। | ଭାରତୀୟ ଦଣ୍ଡ ସଂହିତାର ଧାରା 505(2) | ଧର୍ତ୍ତବ୍ୟ | ପାଞ୍ଚ ବର୍ଷ ପର୍ଯ୍ୟନ୍ତ କାରାବାସ ଓ ଜୋରିମାନା |
| ୪. | ମିଥ୍ୟା ଆଫିଡେଭିଟ୍ ଦାଖଲ କରିବା ବା ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆଫିଡେଭିଟ୍‌ରେ କୌଣସି ସୂଚନା ଗୋପନ ରଖିବା | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 125କ | ଧର୍ତ୍ତବ୍ୟ ନୁହେଁ | ଛଅମାସ କାରାବାସ ବା ଜୋରିମାନା ବା ଉଭୟ |
| ୨. | ଭୋଟର ତାଲିକା ପ୍ରସ୍ତୁତି, ପୁନଃନିରୀକ୍ଷଣ ଓ ସଂଶୋଧନରେ ବା ଭୋଟର ତାଲିକାରେ କୌଣସି ନୂତନ ନାମ ଅନ୍ତର୍ଭୁକ୍ତ କରିବା ବା ଉକ୍ତ ତାଲିକାରୁ କୌଣସି ନାମ ବାଦ ଦେବା ସଂକ୍ରାନ୍ତରେ ମିଥ୍ୟା ଘୋଷଣାନାମା ଦାଖଲ କରିବା | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1950ର ଧାରା-31 | ଧର୍ତ୍ତବ୍ୟ ନୁହେଁ | 1 ବର୍ଷ କାରାବାସ ବା ଜୋରିମାନା ବା ଉଭୟ |
| **କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କ ପ୍ରତି କ୍ଷତି ଘଟାଇବା ସଂକ୍ରାନ୍ତରେ** | | | | |
| 1. | କୌଣସି ସରକାରୀ କର୍ମଚାରୀଙ୍କୁ ତାଙ୍କର କର୍ତ୍ତବ୍ୟ ସଂପାଦନ କରିବାରେ ବାଧା ସୃଷ୍ଟି କରିବା ଲାଗି ଯଦି କେହି ସ୍ୱେଚ୍ଛାକୃତ ଭାବରେ ସାମାନ୍ୟ ବା ଗୁରୁତର ଆଘାତ ବା ଆକ୍ରମଣ କରନ୍ତି । | ଭାରତୀୟ ଦଣ୍ଡ ସଂହିତାର ଧାରା 332/333/353 | ଧର୍ତ୍ତବ୍ୟ | 2ରୁ 10 ବର୍ଷ ପର୍ଯ୍ୟନ୍ତ କାରାବାସ ବା ଜୋରିମାନା |
| **ପାମ୍ଫଲେଟ୍ / ପୋଷ୍ଟର୍ / ହ୍ୟାଣ୍ଡ ବିଲ୍ / ପ୍ଲାକାର୍ଡ୍ ଇତ୍ୟାଦି ସଂକ୍ରାନ୍ତରେ** | | | | |
| 1. | ଯଦି କେହି ମୁଦ୍ରାକାର ବା ପ୍ରକାଶକଙ୍କ ନାମ ଓ ଠିକଣା ନଥାଇ କୌଣସି ନିର୍ବାଚନ ପାମ୍ଫଲେଟ୍, ପୋଷ୍ଟର, ହ୍ୟାଣ୍ଡବିଲ୍ ବା ପ୍ଲାକାର୍ଡ ମୁଦ୍ରଣ କରନ୍ତି ବା ପ୍ରକାଶିତ କରନ୍ତି ତେବେ ସେ ଅପରାଧ କରିଛନ୍ତି ବୋଲି ବିବେଚିତ ହେବେ । | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 127କ | ଧର୍ତ୍ତବ୍ୟ ନୁହେଁ | ଛଅ ମାସ କାରାବାସ ବା ଟ. 2000/- ପର୍ଯ୍ୟନ୍ତ ଜୋରିମାନା ବା ଉଭୟ |

| ଭ୍ରଷ୍ଟାଚାର : | | | | |
|---|---|---|---|---|
| 1. | **ଲାଞ୍ଚ :**<br>(କ) କୌଣସି ଉପହାର, ଭେଟି ଆକାରରେ କୌଣସି ପ୍ରାର୍ଥୀ ବା ତାଙ୍କର ଏଜେଣ୍ଟଙ୍କ ଦ୍ୱାରା ବା ପ୍ରାର୍ଥୀଙ୍କର ସହମତି ଥାଇଁ ଅନ୍ୟ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ବା ତାହାଙ୍କ ନିର୍ବାଚନ ଏଜେଣ୍ଟଙ୍କ ଦ୍ୱାରା କୌଣସି ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ନିମ୍ନୋକ୍ତ ବିଷୟରେ ପ୍ରଲୋଭିତ କରିବା ଲାଗି କୌଣସି ପାରିତୋଷିକ ଦିଆଯାଏ,-<br>(କ) କୌଣସି ନିର୍ବାଚନରେ ପ୍ରାର୍ଥୀ ହେବାକୁ ବା ପ୍ରାର୍ଥୀ ନ ହେବାକୁ ବା (ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରିବାକୁ ବା ନ କରିବାକୁ) କୌଣସି ବ୍ୟକ୍ତିଙ୍କୁ ପ୍ରଲୋଭିତ କରିବା; ବା<br>(ଖ) କୌଣସି ନିର୍ବାଚନରେ ନିର୍ବାଚକଙ୍କୁ ଭୋଟ୍ ଦେବାକୁ ବା ଭୋଟ୍ ନ ଦେବାକୁ; ବା<br>(i) କୌଣସି ବ୍ୟକ୍ତିଙ୍କୁ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ବା ନ ହେବା ପାଇଁ; ବା (ତାହାଙ୍କ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରିବାକୁ ବା ନ କରିବାକୁ)<br>(ii) କୌଣସି ନିର୍ବାଚକ ଭୋଟ୍ ଦେବାକୁ ବା ଭୋଟ ଦେବାରୁ ନିବୃତ୍ତ ରହିବାକୁ ପୁରସ୍କାର ସ୍ୱରୂପ କିଛି ଦିଅନ୍ତି;<br>(ଖ) କୌଣସି ଅଭିପ୍ରାୟ ବା ପୁରସ୍କାର ସ୍ୱରୂପ ହୋଇଥାଉ ବା ହୋଇ ନଥାଉ ନିମ୍ନୋକ୍ତ ଲାଗି କୌଣସି ବ୍ୟକ୍ତି ପାରିତୋଷିକ ଗ୍ରହଣ କରିବା ବା ଗ୍ରହଣ କରିବାକୁ ରାଜିନାମା କରିବା,-<br>(କ) ନିର୍ବାଚନରେ ପ୍ରାର୍ଥୀ ହେବାକୁ ବା ପ୍ରାର୍ଥୀ ନ ହେବାକୁ ବା ପ୍ରାର୍ଥୀତ୍ୱ ପ୍ରତ୍ୟାହାର କରିବାକୁ ବା ନକରିବାକୁ ବା,<br>(ଖ) ନିଜ ପାଇଁ ବା ଅନ୍ୟ ଯେ କୌଣସି ବ୍ୟକ୍ତିଙ୍କ ପାଇଁ ଭୋଟ ଦେବା ଲାଗି ବା ଭୋଟ ଦାନରୁ ନିବୃତ୍ତ ରହିବା ଲାଗି ବା କୌଣସି ନିର୍ବାଚକଙ୍କୁ ଭୋଟ ଦେବା ଲାଗି ବା ଭୋଟ ଦାନରୁ ନିବୃତ୍ତ ରହିବା ଲାଗି ବା ତାଙ୍କର ପ୍ରାର୍ଥୀତ୍ୱ ପ୍ରତ୍ୟାହାର କରିବାକୁ ବା ନକରିବାକୁ ପ୍ରଲୋଭିତ କରିବା ବା ପ୍ରଲୋଭିତ କରିବା ପାଇଁ ପ୍ରଚେଷ୍ଟା କରିବା ଲାଗି | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 123(1) | | ଭ୍ରଷ୍ଟାଚାର ସଂପର୍କିତ ନିର୍ବାଚନ ପିଟିସନ ହାଇକୋର୍ଟରେ ଦାଖଲ କରାଯାଇପାରିବ। |
| 2. | ଅନୁଚିତ ପ୍ରଭାବ ପକାଇବା,-ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଧିକାରକୁ ଅବାଧ ତଥା ମୁକ୍ତ ଭାବରେ ପ୍ରୟୋଗ କରିବାରେ କୌଣସି ପ୍ରାର୍ଥୀ ବା ତାହାଙ୍କ ଏଜେଣ୍ଟ, ବା (ପ୍ରାର୍ଥୀ ବା ତାହାଙ୍କ ନିର୍ବାଚନ ଏଜେଣ୍ଟଙ୍କ ସହମତି ନେଇ) ଅନ୍ୟ ଯେ କୌଣସି ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 123(2) | | ଭ୍ରଷ୍ଟାଚାର ସଂପର୍କିତ ନିର୍ବାଚନ ପିଟିସନ୍ ହାଇକୋର୍ଟ୍‌ରେ ଦାଖଲ |

| | | | | |
|---|---|---|---|---|
| | ବା ପରୋକ୍ଷ ଭାବରେ ପ୍ରଭାବିତ କରିବା ବା ପ୍ରଭାବିତ କରିବାକୁ ପ୍ରଚେଷ୍ଟା କରିବା :<br>(କ) ଏହି ଖଣ୍ଡରେ ଥିବା ବ୍ୟବସ୍ଥାର ବ୍ୟାପକତା ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ନ ପକାଇ ସେପରି କୌଣସି ବ୍ୟକ୍ତି ଯେ କି,-<br>(i) କୌଣସି ପ୍ରାର୍ଥୀ ବା ନିର୍ବାଚକଙ୍କୁ ବା ପ୍ରାର୍ଥୀ ବା ନିର୍ବାଚକ ଯେଉଁ ବ୍ୟକ୍ତିଙ୍କ ଲାଗି ଆଗ୍ରହୀ ସେପରି କୌଣସି ବ୍ୟକ୍ତିଙ୍କୁ କୌଣସି ଜାତି ବା ସଂପ୍ରଦାୟରୁ ବହିଷ୍କାର କରିବା, ଅଜାତିଆ କରିବା ବା ସାମାଜିକ ବାସନ୍ଦ କରିବା ସମେତ ତାଙ୍କର କୌଣସି ପ୍ରକାର କ୍ଷତି କରନ୍ତି ବା ତାଙ୍କୁ ଧମକ ଦିଅନ୍ତି; ବା<br>(ii) କୌଣସି ପ୍ରାର୍ଥୀ ବା ନିର୍ବାଚକ ବା ପ୍ରାର୍ଥୀ ବା ନିର୍ବାଚକ ଯେଉଁ ବ୍ୟକ୍ତିଙ୍କୁ ଦୈବୀ ଅପ୍ରସନ୍ନତା ଆଧାତ୍ମିକ ଅପବାଦ ଉଦ୍ଦେଶ୍ୟରେ ପ୍ରଲୋଭିତ କରନ୍ତି ବା ପ୍ରଲୋଭିତ କରିବାକୁ ପ୍ରଚେଷ୍ଟା କରନ୍ତି ତେବେ ଏହି ଖଣ୍ଡର ଅର୍ଥ ଅନୁସାରେ ସେହି ପ୍ରାର୍ଥୀ ଓ ନିର୍ବାଚକଙ୍କର ମୁକ୍ତ ଓ ଅବାଧ ନିର୍ବାଚନ ସଂପର୍କିତ ଅଧିକାର ସଂକ୍ରାନ୍ତରେ ହସ୍ତକ୍ଷେପ କରାଯାଇଛି ବୋଲି ବିବେଚନା କରାଯିବ :<br>(ଖ) କୌଣସି ସରକାରୀ ନୀତି ବା ସରକାରୀ କାର୍ଯ୍ୟାନୁଷ୍ଠାନ ସଂପର୍କିତ ପ୍ରତିଶ୍ରୁତି ବା ନିର୍ବାଚକଙ୍କୁ ଅଧିକାର ପ୍ରତି ହସ୍ତକ୍ଷେପ ନକରି କେବଳ ଆଇନଗତ ଅଧିକାର ପ୍ରୟୋଗ କରିବା ସଂକ୍ରାନ୍ତୀୟ ଘୋଷଣାନାମା ଏହି ଖଣ୍ଡର ମର୍ମାନୁସାରେ ହସ୍ତକ୍ଷେପ କରାଯାଇଛି ବୋଲି ବିବେଚନା କରାଯିବ ନାହିଁ । | | | କରାଯାଇପାରିବ। |
| 3 | କୌଣସି ବ୍ୟକ୍ତିଙ୍କୁ ତାଙ୍କର ଧର୍ମ, ବର୍ଣ୍ଣ,ଜାତି, ସଂପ୍ରଦାୟ ବା ଭାଷାଗତ କାରଣରୁ ଭୋଟ ଦେବାଲାଗି ବା ଭୋଟ ଦାନରୁ ନିବୃତ୍ତ ରହିବା ଲାଗି କୌଣସି ପ୍ରାର୍ଥୀ ବା ତାଙ୍କର ଏଜେଣ୍ଟଙ୍କର ସହମତି କ୍ରମେ ଅନ୍ୟ କୌଣସି ବ୍ୟକ୍ତି ଦ୍ୱାରା ନିବେଦନ କରିବା ବା କୌଣସି ପ୍ରାର୍ଥୀଙ୍କର ନିର୍ବାଚନକୁ ପ୍ରୋତ୍ସାହିତ କରିବା ବା ଅନ୍ୟ କୌଣସି ପ୍ରାର୍ଥୀଙ୍କର ନିର୍ବାଚନକୁ ପ୍ରତିକୂଳାତ୍ମକ ପ୍ରଭାବ ପକାଇବା ଲାଗି ଧର୍ମଗତ ଚିହ୍ନ ବ୍ୟବହାର କରିବା, ବା ଜାତୀୟ ସଙ୍କେତ, ଅର୍ଥାତ୍, ଜାତୀୟ ପତାକା ବା ଜାତୀୟ ଚିହ୍ନ ବ୍ୟବହାର କରିବା ଲାଗି ନିବେଦନ କରିବା | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 123(3) | | ଭ୍ରଷ୍ଟାଚାର ଜନିତ ନିର୍ବାଚନ ପିଟିସନ, ହାଇକୋର୍ଟରେ ଦାଖଲ କାରାଯାଇପାରିବ |
| 4 | କୌଣସି ପ୍ରାର୍ଥୀ ବା ତାହାଙ୍କ ଏଜେଣ୍ଟ ପ୍ରାର୍ଥୀ ବା ତାହାଙ୍କର ନିର୍ବାଚନ ଏଜେଣ୍ଟଙ୍କ ସହମତି କ୍ରମେ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା କୌଣସି ପ୍ରାର୍ଥୀଙ୍କର ନିର୍ବାଚନକୁ | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 123(3କ) | | |

| | | | | |
|---|---|---|---|---|
| | ପ୍ରତିକୂଳାତ୍ମକ ପ୍ରଭାବ ପକାଇବା ଲାଗି ଧର୍ମ, ବର୍ଣ୍ଣ, ଜାତି, ସଂପ୍ରଦାୟ ବା ଭାଷାଗତ କାରଣରୁ ଭାରତର ନାଗରିକ ମାନଙ୍କର ବିଭିନ୍ନ ବର୍ଗ ମଧ୍ୟରେ ଶତ୍ରୁତା ବା ଘୃଣାଭାବ ଉଦ୍ରେକ କରିବା ବା କରିବାକୁ ପ୍ରଚେଷ୍ଟା କରିବା | | | |
| 5 | କୌଣସି ପ୍ରାର୍ଥୀଙ୍କର ନିର୍ବାଚନକୁ ପ୍ରୋତ୍ସାହିତ କରିବା ଲାଗି ବା ଅନ୍ୟ କୌଣସି ପ୍ରାର୍ଥୀଙ୍କର ନିର୍ବାଚନକୁ ପ୍ରତିକୂଳାତ୍ମକ ପ୍ରଭାବ ପକାଇବା ଲାଗି ସଂପୃକ୍ତ ପ୍ରାର୍ଥୀ ବା ତାଙ୍କର ଏଜେଣ୍ଟ୍ ବା ପ୍ରାର୍ଥୀ ବା ତାଙ୍କର ନିର୍ବାଚନ ଏଜେଣ୍ଟଙ୍କ ସହମତି କ୍ରମେ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ସତୀ ପ୍ରଥା ଓ ତହିଁର ଗାରିମା ପ୍ରଚାର କରିବା । | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 123(3ଖ) | | ଭ୍ରଷ୍ଟାଚାର ଜନିତ ନିର୍ବାଚନ ପିଟିସନ, ହାଇକୋର୍ଟରେ ଦାଖଲ କରାଯାଇପାରିବ |
| 6 | କୌଣସି ପ୍ରାର୍ଥୀଙ୍କର ବ୍ୟକ୍ତିଗତ ବା ଆଚରଣ ବା ତାଙ୍କର ପ୍ରାର୍ଥୀତ୍ୱ ସଂକ୍ରାନ୍ତରେ ବା ଉକ୍ତ ପ୍ରାର୍ଥୀଙ୍କର ନିର୍ବାଚନ ପ୍ରତି ପ୍ରତିକୂଳାତ୍ମକ ବିବୃତି ଯୋଗୁଁ ପ୍ରାର୍ଥୀତ୍ୱ ପ୍ରତ୍ୟାହାର ସଂକ୍ରାନ୍ତରେ କୌଣସି ପ୍ରାର୍ଥୀ ବା ତାଙ୍କର ନିର୍ବାଚନ ଏଜେଣ୍ଟଙ୍କର ସହମତି କ୍ରମେ ଅନ୍ୟ କୌଣସି ବ୍ୟକ୍ତି ମିଥ୍ୟା ତଥ୍ୟଗତ ବିବୃତି ଦିଅନ୍ତି ଯାହାକି ସେ ମିଥ୍ୟା ବୋଲି ବା ସତ୍ୟ ନୁହେଁ ବୋଲି ବିଶ୍ୱାସ କରାଯାଏ ସେପରି ବିବୃତିର ପ୍ରକାଶନ । | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 123(4) | | |
| 7 | କୌଣସି ପ୍ରାର୍ଥୀ ବା ତାଙ୍କର ଏଜେଣ୍ଟ୍ ବା ପ୍ରାର୍ଥୀ ବା ତାଙ୍କ ନିର୍ବାଚନ ଏଜେଣ୍ଟଙ୍କ ସହମତି କ୍ରମେ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଅର୍ଥ ପ୍ରଦାନ କରି ହେଉ ବା ଅନ୍ୟଥା କୌଣସି ଯାନ ବା ଜଳଯାନ ଭଡାରେ ଆଣିବା ବା ରଖିବା; ବା ଭୋଟ ଗ୍ରହଣ ଲାଗି ଧାରା 25ରେ ଥିବା ବ୍ୟବସ୍ଥା ଅନୁଯାୟୀ କୌଣସି ଭୋଟ୍ ଗ୍ରହଣ କେନ୍ଦ୍ରକୁ ବା କେନ୍ଦ୍ରଠାରୁ ଧାରା 29 ର ଉପଧାରା (1) ଅନୁଯାୟୀ ସ୍ଥିରୀକୃତ ସ୍ଥାନରୁ ଯିବା ଆସିବା ଲାଗି (ନିଜେ ପ୍ରାର୍ଥୀ, ତାହାଙ୍କ ପରିବାରର ସଦସ୍ୟ ବା ତାହାଙ୍କ ଏଜେଣ୍ଟଙ୍କ ଭିନ୍ନ ଅନ୍ୟ) କୌଣସି ନିର୍ବାଚକଙ୍କୁ ବିନା ଭଡାରେ ନେବା ଆଣିବା ଲାଗି ସେପରି ଯାନ ବା ଜଳଯାନ ବ୍ୟବହାର କରିବା । | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 123(5) | | |
| 8 | ଧାରା 77 ର ବ୍ୟବସ୍ଥାର ଉଲ୍ଲଘଂନ କ୍ରମେ ବ୍ୟୟକରିବା ବା ବ୍ୟୟ କରିବାକୁ ପ୍ରାଧିକୃତ କରିବା | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 123(6) | | |
| 9 | ସରକାରୀ ଚାକିରିରେ ଥିବା ଯେ କୌଣସି ବ୍ୟକ୍ତି ଓ ନିମ୍ନୋକ୍ତ ବର୍ଗର କର୍ମଚାରୀଙ୍କ ଠାରୁ କୌଣସି ପ୍ରାର୍ଥୀଙ୍କ | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର | | ଭ୍ରଷ୍ଟାଚାର ଜନିତ ନିର୍ବାଚନ |

| | | | | |
|---|---|---|---|---|
| | ନିର୍ବାଚନକୁ ପ୍ରୋତ୍ସାହନ ଦେବାଲାଗି (ଭୋଟ୍ ଦେବା ଭିନ୍ନ ଅନ୍ୟ) କୌଣସି ସହାୟତା ପ୍ରଦାନ ସକାଶେ କୌଣସି ପ୍ରାର୍ଥୀ ବା ତାଙ୍କ ଏଜେଣ୍ଟ ବା ପ୍ରାର୍ଥୀ ବା ତାଙ୍କର ନିର୍ବାଚନ ଏଜେଣ୍ଟଙ୍କ ସହାୟତା କ୍ରମେ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ହାସଲ କରିବା ବା ହାସଲ କରିବାକୁ ପ୍ରବର୍ତ୍ତାଇବା ବା ପ୍ରଚେଷ୍ଟା କରିବା :-<br>(କ) ଗେଜେଟ୍‌ଭୁକ୍ତ ଅଧିକାରୀ;<br>(ଖ) ବୃତ୍ତିଧାରୀ ନ୍ୟାୟାଧୀଶ ଓ ମାଜିଷ୍ଟ୍ରେଟ୍;<br>(ଗ) କେନ୍ଦ୍ର ସରକାରଙ୍କ ସଶସ୍ତ୍ର ବାହିନୀର ସଦସ୍ୟ ;<br>(ଘ) ପୁଲିସ୍ ବାହିନୀର ସଦସ୍ୟ;<br>(ଙ) ଅବକାରୀ ବିଭାଗର ଅଧିକାରୀ;<br>(ଚ) ଗ୍ରାମ  ରାଜସ୍ୱ ଅଧିକାରୀ, ଲାମ୍ବଦାର, ମାଲଗୁଜାର, ପଟେଲ, ଦେଶମୁଖ ବା ରାଜସ୍ୱ ଆଦାୟ କରୁଥିବା ଅନ୍ୟ ଯେ କୌଣସି  ପଦବୀର ଅଧିକାରୀ, ଯେଉଁମାନେ କି ସେମାନଙ୍କ ଦ୍ୱାରା ଆଦାୟ ହେଉଥିବା ଭୂ-ରାଜସ୍ୱରୁ ପାରିଶ୍ରମିକ ପାଆନ୍ତି କିନ୍ତୁ ସେମାନେ କୌଣସି ପୁଲିସ୍‌ର କାର୍ଯ୍ୟ ସଂପାଦନ କରନ୍ତି ନାହିଁ ; ଓ<br>(ଛ) ଯେପରି ବିହିତ ହୋଇପାରେ ସରକାରୀ ସେବାରେ ଥିବା ସେପରି ଅନ୍ୟାନ୍ୟ ବର୍ଗର କର୍ମଚାରୀ । | ଧାରା 123(7) | | ପିଟିସନ, ହାଇକୋର୍ଟରେ ଦାଖଲ କରାଯାଇପାରିବ |
| 10 | କୌଣସି ପ୍ରାର୍ଥୀ ବା ତାହାଙ୍କ ଏଜେଣ୍ଟ ବା ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ବୁଥ ଜବର ଦଖଲ :-<br>(1)ଏହି ଧାରାରେ ଥିବା 'ଏଜେଣ୍ଟ' ଅଭିବ୍ୟକ୍ତିରେ ଯେ କୌଣସି ନିର୍ବାଚନ ଏଜେଣ୍ଟ, ପୋଲିଂ ଏଜେଣ୍ଟ ଓ ପ୍ରାର୍ଥୀଙ୍କର ସହମତି କ୍ରମେ ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟରେ ଏଜେଣ୍ଟ ରୂପେ କାର୍ଯ୍ୟ କରୁଥିବା ଅନ୍ୟ କୌଣସି ବ୍ୟକ୍ତି ଅନ୍ତର୍ଭୁକ୍ତ ଅଟନ୍ତି ।<br>(2)ଯଦି କୌଣସି ବ୍ୟକ୍ତି ପ୍ରାର୍ଥୀଙ୍କର ନିର୍ବାଚନ ଏଜେଣ୍ଟ ରୂପେ କାର୍ଯ୍ୟ କରୁଥିବେ ତେବେ ଖଣ୍ଡ (7) ଉଦ୍ଦେଶ୍ୟରେ ସେ ସଂପୃକ୍ତ ପ୍ରାର୍ଥୀଙ୍କର ନିର୍ବାଚନକୁ ପ୍ରୋତ୍ସାହିତ କରିବା ଲାଗି ସହାୟତ କରୁଛନ୍ତି ବୋଲି ବିବେଚନା କରାଯିବ ।<br>(3)ଅନ୍ୟ ଯେ କୌଣସି ବିଧିରେ ଯାହା କିଛି ଥିବା ସତ୍ତ୍ୱେ, କେନ୍ଦ୍ର ସରକାରଙ୍କ ସେବାରେ ଥିବା କୌଣସି ବ୍ୟକ୍ତିଙ୍କର (ସମେତ କେନ୍ଦ୍ରଶାସିତ ଅଂଚଳ ବା ରାଜ୍ୟ ସରକାରଙ୍କ ଅଧୀନରେ ସେବା କରୁଥିବା ବ୍ୟକ୍ତିଙ୍କର) ନିଯୁକ୍ତି, ଇସ୍ତଫା, ସେବା ସମାପ୍ତି ବା ସେବାରୁ ବରଖାସ୍ତ ବା ଅପସାରଣ ସଂକ୍ରାନ୍ତରେ ସରକାରୀ ଗେଜେଟ୍‌ରେ | ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 123(8) | | ଭ୍ରଷ୍ଟାଚାର ଜନିତ ନିର୍ବାଚନ ପିଟିସନ, ହାଇକୋର୍ଟରେ ଦାଖଲ କରାଯାଇପାରିବ |

| | | | | |
|---|---|---|---|---|
| | ପ୍ରକାଶନ ନିମ୍ନୋକ୍ତ ବିଷୟଲାଗି ନିର୍ଣ୍ଣାୟକ ପ୍ରମାଣ ହେବ:-<br>(i) ଯଥାସ୍ଥିତି ; ସେପରି ନିଯୁକ୍ତି , ଇସ୍ତଫା, ସେବା ସମାପ୍ତି ବା ସେବାରୁ ବରଖାସ୍ତ ବା ଅପସାରଣ, ଏବଂ<br>(ii) ସେପରି ନିଯୁକ୍ତି, ବରଖାସ୍ତ ବା ଯଥାସ୍ଥିତି, ସେବା ସମାପ୍ତି କାର୍ଯ୍ୟକାରୀ ହେବା ତାରିଖ ସେପରି ପ୍ରକାଶନରେ ଦର୍ଶାଯିବ ଯେପରିକି ସେହି ବ୍ୟକ୍ତିଙ୍କର ନିଯୁକ୍ତି ବା ଇସ୍ତଫା, ସେବା ସମାପ୍ତି , ସେବାରୁ ବହିଷ୍କାର ବା ଅପସାରଣ ଉକ୍ତ ତାରିଖ ଠାରୁ ହୋଇଛି ।<br>(4) ଖଣ୍ଡ (୪) ଉଦ୍ଦେଶ୍ୟରେ 'ବୁଥ୍ ଜବର ଦଖଲ' ର ଅର୍ଥ ଧାରା 135(କ) ରେ ଯାହା ଅଛି ସେଇଆ ହେବ । | | | |